1.	**କି ହୋଇଲା କା' ହୋଇଲା**

**କାପାଇଁ ଧୋଇଲି କିଏ ଖାଇଲା**

ଦଇବ କଲା, କୁଜି ବାଲୁ, ବାଲୁଆ ପଧାନ ହେଲା ।

(କାହାପାଇଁ ରଖିଲି, କିଏ ନେଲା , ଯିଏ କିଛି ନୁହେଁ, ସେ ମୁଖ୍ୟ ହେଲା । )

୨.	**କିଏ ଲାଗିଲାଗି କରି ରେକେଟା,**

**କିଏ ଶୂନ୍ୟରେ ମାରିଲା ଚକଟା।**

(ଜଣେ ଚେଷ୍ଟା କରି କିଛି ପାଇଲା ନାହିଁ । )

୩.	**ଚେଇଁ ଶୋଇଥିବ ଯିଏ**

**ତାକୁ ଉଠାଇବ କିଏ ?**

(ସବୁ ଜାଣି ଶୁଣି କୌଣସି କାର୍ଯ୍ୟ ନକରିବାର ଛଳନା କରିବା ।

୪.	**ଉପରେ ପଡି, କଖାରୁ ବଡି।**

(କେହି ଗୁରୁତ୍ବ ନଦେଉଥିଲେ ମଧ୍ୟ ନିଜର ପ୍ରାଧାନ୍ୟଦେଖେଇ ହେବା। )

୫.	**ମନ ଦେଇଥାଏ ଏଣେ ତେଣିକି**

**ହାତ ପାତିଥାଏ ଗୁଡିଆଣୀକୀ ।**

(ଗୁରୁତ୍ବପୂର୍ଣ୍ଣ ଓ ପ୍ରକୃତ ବିଷୟ ଉପରେ ଗୁରୁତ୍ବ ନଦେଇଅନାବଶ୍ୟକ ବିଷୟ ଆଡକୁ ଧ୍ୟାନ ଦେବା ।)

୬.	**ସଞ୍ଜେ ଫୁଟି ସକାଳେ ଯା'**

**ଜହ୍ନି ଫୁଲର ଆୟୁଷ ପା'।**

(ଅଳ୍ପାୟୁଷ ହେବାର ଆଶୀର୍ବାଦ ପଛରେ ଲୁକ୍କାୟିତ ବ୍ୟଙ୍ଗ )

୭.	**ଦେବୀ ଗଡି ଗଡି ଯାଉଛି**

**କୁଣ୍ଡା ପଥର କୁହାର ଖାଉଛି ।**

(ଅନେକ ସମୟରେ ଗୁଣୀ ଲୋକମାନଙ୍କୁ ଉପେକ୍ଷା କରି ଗୁରୁତ୍ବ ହୀନ ଲୋକମାନଙ୍କୁ ଗୁରୁତ୍ବ ଦିଆଯାଇଥାଏ । )

୮.	**ତୁମେ ମଲେ ପଛେ ମର,**
**ମୋ ନାକକୁ ଗୋଟିଏ ଗୁଣା କର।**
(ସ୍ବାମୀର ଆର୍ଥିକ ଅବସ୍ଥା ପ୍ରତି ଗୁରୁତ୍ବ ନଦେଇ ସ୍ତ୍ରୀରଅଳଙ୍କାର ଉପରେ ଗୁରୁତ୍ବ । )

୯.	**ତୁଣ୍ଡରେ ମଧୁର ତୁଣ୍ଡରେ ବିଷ**
**ତୁଣ୍ଡରେ ରହିଛି ରୋଗର ଓଷ ।**
(ବଚନର ରୁକ୍ଷତା ଓ ମାଧୁର୍ଯ୍ୟ ମଣିଷ ଉପରେ ଅନୁରୂପପ୍ରଭାବ ପକାଇଥାଏ । )

୧୦।	**ବଡଲୋକ ପାଦେ କଣ୍ଟା ଫୁଟିଗଲେ**
**ସରବେ କହନ୍ତି ବ୍ୟଥା,**
**ଗରିବ ଯଦିବା ପାହାଡୁ ଗଡଇ**
**କେହି ନକହନ୍ତି ବ୍ୟଥା ।**
(ଆମ ସମଜରେ ଧନୀ ବ୍ୟକ୍ତି ପ୍ରତି ଥିବା ଅନୁକମ୍ପାଗରିବ ପ୍ରତି ନଥାଏ । )

୧୧।	**କ୍ଷୀର ଛାଡିଗଲେ କିକରେ ମାଆ**
**ନଈ ଛାଡିଗଲେ କି କରେ ନାଆ ।**
(ସ୍ବାର୍ଥ ଥିବା ପର୍ଯ୍ୟନ୍ତ ଦୁନିଆରେ ସମସ୍ତେ ସମସ୍ତଙ୍କରଅତି ଆପଣାର,
ସ୍ବାର୍ଥ ତୁଟି ଗଲେ ସମସ୍ତେ ଦୂର ଓ ପରହୋଇଯାଆନ୍ତି । )

୧୨।	**ତୁମୋତେ ମାର, ମୁଁ ତୋତେ ନମାରେ**
**ମାରୁଥିବ ତୋତେ ଆନ ।**
**ଦେଖୁଥିବ ମୋର ଦୁଇ ନୟନଶୁଣୁଥିବ ଦୁଇକାନ ।**
( ଦୁନିଆରେ ଯିଏ ଯାହାର ଅନିଷ୍ଟ କରିବାକୁ ଚାହିଁବଭଗବାନ ତାର ଅନିଷ୍ଟ କରିବେ । ଅହିଂସା ପରମ ଧର୍ମ । )

୧୩।	**କହି ଦେଉଥାଏ ପରକୁ**
**ବୁଦ୍ଧି ନଆସଇ ଘରକୁ ।**
(ଅନ୍ୟକୁ ଉପଦେଶ ଦେଉଥିବା ବ୍ୟକ୍ତି ନିଜ ବିଷୟରେବୁଦ୍ଧି ହୀନତାର ପରିଚୟ ଦେଇଥାଏ । )

୧୪। **ତୁଛାକୁ ଏତେ ମୁଦିନାହିଁ ଗୋଡ କଟାଡୁ କେତେ ।**
(ଯୋଗ୍ୟତା ନଥାଇ ନିଜକୁ ଯୋଗ୍ୟ ବୋଲି ଦେଖେଇ ହେବା )

୧୫। **ମଥାରେ ପଗଡି ପାଦରେ ତେଲ**
**ବଇଦ ସାଙ୍ଗରେ ହୋଇବ ଗେଲ ।**
(ସବୁବେଳେ ମୁଣ୍ଡରେ ପଗଡି ବାନ୍ଧିଲେ ଓ ପାଦରେ ତେଲଲଗାଇଲେ ମଣିଷ ନିରୋଗ ରହେ । )

୧୬। **ଦଇବ ଦଉଡି ମଣିଷ ଗାଈ, ଯେଣିକି ଟାଣଇ ତେଣିକି ଯାଇ ।**
(ମଣିଷ ଈଶ୍ବରଙ୍କ ଇଛାର ଅଧୀନ )

୧୭। **ହାତକୁ ସୁନ୍ଦର ନଖ**
**ମୁହଁକୁ ସୁନ୍ଦର କଲି ତିଳକ**
**ଏବେ ପଟା ବାଡି ଦେଖା।**
(ପରିବର୍ତ୍ତିତ ସମୟ ଅନୁସାରେ ରୂପ ସଜ୍ଜାରେ ପରିବର୍ତ୍ତନଆସିଥାଏ ।)

୧୮। **କ୍ଷେତକୁ ସୁନ୍ଦର ବାର ଫସଲ**
**ଦେହକୁ ସୁନ୍ଦର ବୁଦ୍ଧି ଅକଲ ।**
(କ୍ଷେତର ସୁନ୍ଦରତା ତାର ବାଡ ଓ ଫସଲରେ ମଣିଷରସୌନ୍ଦର୍ଯ୍ୟତାର ବୁଦ୍ଧି ଓ ବିବେକ ଭିତରୁ ଫୁଟି ଉଠେ । )

୧୯। **ଟାହିଆ ଉପରେ ଟାହିଆ**
**ତିନି ମୁଣ୍ଡ ଦଶ ଗୋଡ ଦେଖିଲୁକିରେ ବାୟା ।**
(ଦୁଇ ବଳଦ ଓ ହଳିଆର ଦୁଇ ମୁଣ୍ଡ ଓ ଦଶ ଗୋଡ)

୨୦। **ଲେଉଟିଆ ଶାଗ ପଟାଳି ପଟାଳି**
**ତହିଁ ମାଡିଗଲା ଶିଅ**
**ବୋହୁର ଗୁଣତ ବିକାଶ ହୋଇବ**
**ଆଉ କିଛି ଦିନ ରୁହ ।**
(ନୂଆ ବୋହୂର ଅସଲ ରୂପ ସମୟ କ୍ରମେ ଜଣା ପଡେ। )

odia.org

୨୧। **ଭଙ୍ଗା ଆଇନାରେ ମୁହଁକୁ ଦେଖି**
**ମାଙ୍କଡ ଦେଉଛି ମୁହୁଁକି ହସି ।**
( ଦୁଷ୍ଟ ଲୋକ ସବୁ କିଛି ଜାଣି ଶୁଣି କରେ । )

୨୨। **ମୁଦି ଭଲ କରି ମାଜ, ଗୋଡ ଭଲ କରି ମାଜ**
**ରାଜାଏ ଜାଣିଲେ ପରଜା ଜାଣିଲେ**
**ଆଉ କାହାପାଇଁ ଲାଜ ।**
(ପ୍ରେମ ପ୍ରକାଶିତ ହେଲା ପରେ ଆଉ ଲଜ୍ଜା କରିବାର କିଛି ନାହିଁ । )

୨୩। **ଶିଳ ଶିଳପୁଆ ଗଗନେ ଉଡୁଛି,**
**ଶିମିଳି ତୁଳା କହେ ମୋତେ ରଖ ।**
( ଅଭିଜ୍ଞ ଓ କୁଶଳୀ ବ୍ୟକ୍ତି ବିଫଳ ହେବା ପରେ ଅନଭିଜ୍ଞ ଓ
ଅଣକୁଶଳୀ ବ୍ୟକ୍ତି ପାରଦର୍ଶିତା ଦେଖାଇବା ହାସ୍ୟକର ଅଟେ ।

୨୪। **ଦିଆକୁ ଦିଆ ଆଦିଆକୁ ଦୁଆର ଦିଅ ।**
(ଯିଏ ଦିଏ ସିଏ ପାଏ,ଅଦିଆ ସବୁଥିରୁ ବଞ୍ଚିତ ହୋଇଥାଏ)

୨୫। **ଏକାଦଶୀ ଦିନ ଏଗାର ବକତ**
**ଦ୍ୱାଦଶୀ ଦିନ ଇଲିଶି**
**ତ୍ରୟୋଦଶୀ ଦିନ ତାମ୍ପଡା ଶୁଖୁଆ**
**ଟା ପିଉଛନ୍ତି ସନ୍ୟାସୀ।**
(ଭଣ୍ଡ ଓ ଠକମାନଙ୍କ ମନ୍ଦ ଉଦ୍ଦେଶ୍ୟ ବିଷୟରେ କୁହା ଯାଇଛି । )

୨୬। **ସାତ ଚକଟା ପୋଲୁହ ଘଣ୍ଟା**
**ବିଭୁତିଭୂଷଣ ଗାଲିସି କଟା**
**ଚିଲ ପ୍ରସାଦରୁ ତିନି ଭୁବନ ଦେଖିଲି**
**ରେ ଟୋକା, ତୁ ମୋତେ ଦେଖଉଛୁବନିଶି କଣ୍ଟା।**
(କଉ ମାଛର ଅସୀମ ଜୀବନୀ ଶକ୍ତି ଉପରେ ଉକ୍ତିଟି ଆଧାରିତ ଅଟେ। )

୨୭। **ନଖ ସନ୍ଧିରେ ମଳି,**

**ବାହାରେ ବାହାରେ ଖାଲି ଝଗଡା**

**ଭିତରେ ଭିତରେ ମେଳି ।**

(ଛଳନାପ୍ରବଣ ଲୋକମାନଙ୍କରପ୍ରତାରଣା ପୂର୍ଣ୍ଣ ସାମାଜିକ ସମ୍ପର୍କ ବିଷୟରେ କୁହାଯାଇଛି । )

୨୮। **ସକାଳ କୁଣିଆ କୁଣିଆ ନୁହେଁ**

**ସକାଳ ମେଘ ମେଘ ନୁହେଁ ।**

( ବ୍ୟସ୍ତ ବିବ୍ରତ ଓଡିଶୀ ସମାଜରେ ସକାଳ ସକାଳ ଆସୁଥିବା ବନ୍ଧୁଙ୍କପାଇଁ କାହାର ସମୟ ନଥାଏ । )

୨୯। **ବିରାଡି ଅଣପୁରୁଷା ଦେଖି**

**ମୂଷା କରମ କରୁଛି ବସି ।**

( ସୁରକ୍ଷା ଦାୟିତ୍ବରେ ଥିବା ବ୍ୟକ୍ତି ଯଦି ଆଳସ୍ୟ ପରାୟଣ ହୁଏ ତେବେ ଅସାମାଜିକତତ୍ତ୍ବମାନଙ୍କର ଉତ୍ପାତ ବଢି ଯାଇଥାଏ।)

୩୦। **ଡରେଇ ଖାଇବ ନରକ ମାଛ**

**ହଲେଇ ଖାଇବ ବରକୋଳି ଗଛ ।**

(ବଳବାନ ଲୋକ ସବୁଠି ତାର ଶକ୍ତି ପ୍ରଦର୍ଶନ କରିଥାଏ । )

୩୧। **ଆବେ ପରଶୁ ଯାବେ ପରଶୁ**

**ବାବୁ ପରଶୁରାମ,ଧନ କ୍ୟା ନାକରେ କାମ ।**

(ଅର୍ଥ,ଏ ଦୁନିଆରେ ସବୁ କିଛିର ମାନଦଣ୍ଡ। ଅନାମଧେୟ

ବ୍ୟକ୍ତି ଅର୍ଥ ବଳରେ ମାନ୍ୟଗଣ୍ୟ ବ୍ୟକ୍ତିରେ ପରିଣତ ହୋଇପାରେ। )

୩୨। **ଛିଲୋ ଛତୁ ! ମେଘ ବରଷିଲେ କେତେତୁ ଫୁଟୁ ।**

(ଜଗତରେ ପ୍ରତ୍ୟେକଟି କାର୍ଯ୍ୟ ପ୍ରକୃଷ୍ଟ ସମୟକୁ ଅପେକ୍ଷା କରିଥାଏ।)

୩୩। **ଗୋଦରୀ ଲୋ ଗୋଡକୁ ଅନା ।**

(ଅନ୍ୟକୁ ସମାଲୋଚନା କରିବା ଆଗରୁ ନିଜକୁ ଦେଖ )

୩୪। **ଯା ପୁଅକୁ ସାପ କାମୁଡିଥାଏ,**

**ତା ମାଆ ପାଳ ଦଉଡି ଦେଖିଲେ ଡରେ।**

(ଯାହାର ଯେଉଁଠି ଦୁର୍ବଳତା ଥାଏ, ସେ ସବୁଠି ତାକୁହିଁ ଭେଟିଥାଏ । )

୩୫। **ଅଣ୍ଟାରେ ନଥାଇ ଧନ**

**ପୁଅ ବାହାକରି ମନ ।**

(ଧନହୀନ ଲୋକର ଅଧିକ ଖର୍ଚ୍ଚ କରିବାର ଯୋଜନା

ହାସ୍ୟାସ୍ପଦ ହୋଇଥାଏ । )

୩୬। **ଆଲୋ ସଖୀ, ଆପଣା ମହତ ଆପେ ରଖି।**

( ନିଜର ସମ୍ମାନ ନିଜେ ରକ୍ଷା କରିବା ଉଚିତ।)

୩୭। **ଭାସିଯାଉଥିଲୁ ମାଝି ନଈରେ ଧରି ଆଣିଥିଲି ତୋତେ**

**ଟାକୁଆ ଗାଲରେ ମାଉଁସ ଲାଗିଲା**

**ଜବାବ ଦେଉଛୁ ମୋତେ ।**

(ଉପକାରୀ ଲୋକର ଉପକାରକୁ ଭୁଲି ମୁହଁରେ ଜବାବଦେବା । )

୩୮। **ମାଡତ ଖାଇଲୁ,ବେଶ୍ କଲୁ,**

**ହାତେ ରାନ୍ଧିବାଢି ଖା,**

**ଚୁଲି ଫୁଙ୍କୁ ଫୁଙ୍କୁ ନିଶ ପୋଡିଗଲା**

**ମାଡର ଅସୁଲ ପା ।**

(ମଣିଷ ଯାହା ଭୋଗେ ତାହା ତାର ନିଜ କର୍ମର ଫଳ )

୩୯। **ଠଅକ ପିଢାକୁ ଝଲସ ପାଣି**

**ତୃଣ ଦିଆ ଗୁଣ, ଲୁଣଠୁ ଜାଣ ।**

(ଅତିଥିଙ୍କୁ ବସିବା ପାଇଁ ଦିଆ ଯାଉଥିବା ପିଢାର ଠଅକ ଶବ୍ଦରୁ ଓ ପାଣିର ସ୍ବଚ୍ଛ ଝଲକରୁ ତଥା ଲୁଣ ଛିଞ୍ଚିଡାରୁ ତରକାରୀର ସ୍ବାଦ ସମ୍ପର୍କରେ ଜାଣିହୋଇଥାଏ । )

୪୦। **ମାରନା ମୁଁ ମଲିଣି,ପୋଇ ଖାଡି ପରି ହେଲିଣି ।**
(ଦୁର୍ବଳ ବ୍ୟକ୍ତି ବା ନିର୍ଯାତିତ ବ୍ୟକ୍ତି ଉପରେ ଆଉ ଅତ୍ୟାଚାର ନକରିବାକୁ ଅନୁରୋଧ ।)

୪୧। **ମଣିଷ ହାଇ, ଗଛର ଛାଇ**
**ଯେଣେ ପଡେ ତେଣେ ଉଧାଏ ନାହିଁ ।**
(ଗଛର ଛାଇ ଯେପରି ତା ତଳେ ଥିବା ଛୋଟ ଛୋଟ ଗଛ ମାନଙ୍କୁ ବଢିବାକୁ ଦିଏନାହିଁ, ସେହିପରି ମଣିଷର ଅଶୁଭ ଦୃଷ୍ଟି ଉନ୍ନତିର ବାଧକ ହୋଇଥାଏ। )

୪୨। **ବଡ ଯାଉଛନ୍ତି ଫସରଫାଟି, ସାନ ଯାଉଛନ୍ତି ବେସରବାଟି**
**ଶିଳ ଶିଳପୁଆ ଗଗନେ ଉଡଇ, ଶିମିଳି ତୁଳା କହୁଛି ମୁଁ ବଡ ।**
(ଅଭିଜ୍ଞ ଓ କୁଶଳୀ ବ୍ୟକ୍ତି ବିଫଳ ହେଉଥିବା ବେଳେ ଅନଭିଜ୍ଞ ଓ ଅଣକୁଶଳୀ ବ୍ୟକ୍ତି ନିଜର ଆତ୍ମପ୍ରୋଢି ପ୍ରଦର୍ଶନ କରୁଛନ୍ତି । )

୪୩ । **ଗରୁଡ ଉପରେ ଦେଖାନ୍ତି ପ୍ରତାପ**
**ଯେଣୁସେ ଅଟନ୍ତି ଶିବଙ୍କର ସାପ ।**
( ପ୍ରଭାବଶାଳୀ ଲୋକର ବଳରେ ବଳୀୟାନ ହୋଇ ଦୁର୍ବଳଙ୍କ ଉପରେ ପ୍ରଭାବ ବିସ୍ତାର କରୁଥିବା ବ୍ୟକ୍ତିକୁ ଲକ୍ଷ୍ୟ କରି ଏହା କୁହାଯାଇଛି। )

୪୪। **ପୁଷମାସ ଭୁଷୁ ଭୁଷୁ ତିନିଥର ରାନ୍ଧଣା**
**ପୁଷମାସ ସରିଗଲେ ସୁକୁ ସୁକୁ କାନ୍ଦଣା ।**
(ଚାଷୀ ପରିବାରରେ ପୌଷ ମାସରେ ଧାନ ଅମଳ କାରଣରୁ ଆର୍ଥିକ ଅଭାବ ନଥାଏ, ତେଣୁ ତିନିଥର ରୋଷେଇ ହୋଇଥାଏ। କିନ୍ତୁ ପୌଷ ମାସ ସରିଗଲେ ଅଭାବ ମାଡି ବସେ। ତେଣୁ ସୁକୁ ସୁକୁ କାନ୍ଦଣା ଶୁଣିବାକୁ ମିଳେ। )

**୪୫। କି ବାହାଘର କଲି, ଖାଇବାର ନାହିଁ**
**ପିବାର ନାହିଁ, ପାଣି ବୋହି ବୋହି ମଲି ।**
(ବିବାହାଦି ଅନୁଷ୍ଠାନରେ ଦାୟିତ୍ବରେ ଥିବା ବ୍ୟକ୍ତି
ମଜା ଅପେକ୍ଷା ପରିଶ୍ରମ ଅଧିକ କରିଥାନ୍ତି । )

୪୬। **ଛନ୍ଦର ମନ୍ଦର ପନ୍ଦର ଦିନ,**
**ରେଙ୍ଗୁନ ଧନ ମାସେ**
**ହିଡର ମାଟି ହିଡରେ ପକାଇଲେ**
**ବସି ଖାଇବୁ ବରଷେ ।**
(ମଣିଷ ଉଧାର କରି ପନ୍ଦର ଦିନ ଚଳି ପାରେ, ବିଦେଶରେ ଚାକିରୀ କରି ସେହି ରୋଜଗାରରେ ମାସଟିଏ ଚଳିଯାଇପାରେ, ଅନୁରୂପଭାବେ ନିଜ କ୍ଷେତରରେ ଖଟି ବ୍ୟକ୍ତି ବର୍ଷଟିଏ ସହଜରେ ଚଳିଯାଇପାରେ । )

**୪୭। ମଲା ଗୋରୁ ବ୍ରାହ୍ମଣକୁ ଦାନ**
**ଚାଉଳ ଭିତରେ ଅଧା ଧାନ ।**
(ଅଦରକାରୀ ଜିନିଷର ତଥାକଥିତ ଦାନ ପ୍ରତି
ବ୍ୟଙ୍ଗ । ଏଥିରେ ପୂଣ୍ୟ ଅର୍ଜନ ହୁଏ ନାହିଁ । )

୪୮। **ମାଳି ଠକ୍ ଠକ୍ ଭଜନ ଟାଣ**
**ବଡ଼ ଭୋକ କଲା ବେଗା ବେଗି ଆଣ ।**
( ଯେଉଁ ବ୍ୟକ୍ତି ଭୋକ ନହେବା ପର୍ଯ୍ୟନ୍ତ ମାଳା ଜପୁ ଥାଏ ଓ ଭୋକ ଲାଗିବା ମାତ୍ରକେ ଭଜନ ଭୁଲି ଭୋଜନାରେ ବ୍ୟସ୍ତ ରହେ
ସେହି ପ୍ରକାର ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏହା କୁହାଯାଇଛି ।  )

୪୯। **ଜୀଅନ୍ତେ ନଦେଉ ତୁଣ୍ଡରେ**
**ମଲେଦେବୁ ବେଣା ମୁଣ୍ଡରେ ।**
(ଜୀବନ୍ତ ଅବସ୍ଥାରେ ପିତା ମାତାଙ୍କୁ ପଚାରୁ ନଥିବା ପୁଅ ଝିଅ ମାନଙ୍କ ଉଦ୍ଦେଶ୍ୟରେ ଏହା କୁହାଯାଇଛି ।

୫୦। **ଶାଗ ଖରଡ଼ ଭାତ ଖା**
**ରଙ୍ଗ ଉଖୁଡ଼ାରୁ କ'ଣ ପା'?**
(ଘରୋଇ ପ୍ରାକୃତିକ ଖାଦ୍ୟ ପ୍ରତି ଆକୃଷ୍ଟ ନହୋଇବାହାରର ରଙ୍ଗ ବିରଙ୍ଗର କୃତ୍ରିମ ଖାଦ୍ୟ ପ୍ରତି ଆଗ୍ରହକୁ ଦେଖି ଏହା ବ୍ୟଙ୍ଗରେ କୁହାଯାଇଛି । )

୫୧। **ଯାହା ନଖାଆନ୍ତି ଝିଅ**
**ତାକୁ ଜୋଇଁଙ୍କ ପାଟରେ ଦିଅ ।**
( ସଦ୍ୟ ବିବାହିତ ଜ୍ୱାଇଁଙ୍କୁ ଖାଦ୍ୟ ପରଷିବାବେଳେ ସ୍ନେହସିକ୍ତ ଅଭିବ୍ୟକ୍ତି । )

୫୨। **ତୋର ଦିନେକୁ ମୋର ଦିନେ**
**କହି ରଖୁଛି ତୋର କାନେ କାନେ ।**
( କାହା ବିରୁଦ୍ଧରେ କିଛି କଲାବେଳେ ଭବିଷ୍ୟତକୁ ଦୃଷ୍ଟିରେ ରଖି କରିବା ଉଚିତ କାରଣ ତାରବି ଦିନ ଆସିବ ଓ ସେ
ତୁମ ଉପରେ ପ୍ରତିଶୋଧ ନେବାକୁ ପଛାଇବନାହିଁ । )

୫୩। **ଶାଶୂ ବୋହୂଙ୍କର ଠସର କଳି**
**ରାତିରେ ଖାଆନ୍ତି ସରୁ ଚକୁଳି ।**
(ଶାଶୂ ବୋହୂଙ୍କ ମଧ୍ୟରେ ଯେତେ କଳି ହେଲେ ମଧ୍ୟ ସେମାନେ ପୁଣି ଖାଇବା ବେଳେ ସେ ସବୁକୁ ଭୁଲିଯାଆନ୍ତି )

୫୪। **ଦେଖାଲ ମାଇପେ ଦେଖ**
**କଇଁଛ କାଢ଼ିଛି ବେକ ।**
( ସବୁ ସମୟରେ ଚୁପ ରହୁଥିବା ବ୍ୟକ୍ତି ସମୟ ଓ ସୁଯୋଗ ଆସିଲେ ମୁହଁ ଖୋଲି ପରିସ୍ଥିତିର ମୁକାବିଲା କରନ୍ତି )

୫୫। **ଆଖ ଘୂରୁଥିବ ଚକ ଘୂରୁଥିବ**
**ଘୂରି ଯାଉଥିବ ମହୀ**
**ସଂସାର ଭିତରେ ଘର କରିଥିଲେ**
**ପଥର ପଡିଲେ ସହି ।**
(ସମୟର ଚକ ତାର ନିର୍ଦ୍ଧାରିତ ରୀତିରେ ଘୂରିଚାଲିଥାଏ । ସୁଖ ଦୁଃଖର ଆବର୍ତ୍ତ ଭିତରେ ମଣିଷକୁ ଦୁଃଖର ସାମନା
ଧୌର୍ଯ୍ୟର ସହ କରିବାକୁ ପଡିବ । )

**୫୬। ମରଣ କାଳେ ନିଦ୍ରା ଗଲେ**
**ଯମ କି ଛାଡିଦେବ ଭଲେ ।**
( ଏ ଦୁନିଆରେ ଯାହା ଅବଧାରିତ ତାହାହିଁ ଘଟିବ, ମୃତ୍ୟୁ ସମୟରେ ଶୋଇ ରହି ମୃତ୍ୟୁକୁ ଏଡାଇବା ଅସମ୍ଭବ । )

୫୭। **ଅନାଇ ଦେଲାରୁ ଆକୃତି ଦେଖିଲୁ**
**ପ୍ରକୃତି ଦେଖିଲୁ କେଣେ**
**ବାହା ହେବା ପାଇଁ ସକେଇ ସକେଇ**
**କାନ୍ଦୁଛୁ କାବାଟ କାଣେ ।**
(ଗୁଣ ନଦେଖି ଖାଲି ରୂପ ଦେଖି ବିବାହ କାଲେ ପରେ ଅନୁତାପ କରିବାକୁ ପଡେ । )

୫୮। **ଅତି ସୁନ୍ଦରୀଲୋ ଚହଟ ଗୋରୀ**
**ଆଗେ ତୋତେ ହେଲି ବିଭା**
**ଏବେ ଯହୁଁ ଧନ ବୟସ ସରିଲା**
**ଦାଣ୍ଡେ ବସାଉଛୁ ସଭା ।**
( ପୁରୁଷର ବୟସ ଗଡି ଗଲେ  ଓ ଧନ ସରି ଆସିଲେ ସାଂସାରିକ ଜୀବନ ଦୁଃସହ ହୋଇପଡେ, ଏମିତିକି ନିଜ ସ୍ତ୍ରୀ ସହିତ ସମ୍ପର୍କ ମଧ୍ୟ ତିକ୍ତ ହୋଇ ଉଠେ । )

୫୯। **ନିର୍ଲଜ ହେଲେ ଯେଉଁ ଜନ**
**କିସ କରିବେ ଭଗବାନ ।**
(ଅହଂ ପ୍ରବଣ ଓ ମନ୍ଦ କାର୍ଯ୍ୟରେ ଲିପ୍ତ ଥିବା ମଣିଷର  ଭଗବାନଙ୍କ ପ୍ରତି ବି ଡର ନଥାଏ। )

odia.org

୬୦। **ଯାହାର ଯେଉଁ ରୋଗ**
**ମୁଣ୍ଡ ଧୋଇଲେକି ଯିବ ।**
(ବ୍ୟକ୍ତିର ପ୍ରକୃତି(ସ୍ବଭାବ)ମୂଳ ରୋଗକୁ(ଚାରିତ୍ରିକ ପ୍ରବୃତ୍ତିକୁ ) ସାମାନ୍ୟ ଉପଚାରରେ ପରିବର୍ତ୍ତିତ କରିବା ସହଜ ନୁହେଁ। )

୬୧। **କେଉଁଠାରେ ଖଡୁ, ଗଡୁ କେଉଁଠାରେ ମୁଦି**
**କେଉଁଠାରେ ବୋଲାଉଛ କରୁଣାବାରିଧି ।**
( କଂସା ଓ ପିତ୍ତଳରେ ଖଡୁ,ଗଡୁ,ଓ ବାସନକୁସନ ତିଆରି ହେବାଭଳି ଭଗବାନଙ୍କର ବିଗ୍ରହ ମଧ୍ୟ ତିଆରି ହୋଇଥାଏ। )

୬୨। **ଛନ୍ଦ ନଜାଣି ନନ୍ଦ ଘରଣୀ**
**ପୁତନା କୋଳେ ଦେଲା ପୁଅକୁ ଆଣି ।**
(ଜଟିଳ ଦୁନିଆରେ ସରଳତା ଭୟାବହ ବିପଦକୁ ଡାକିଆଣିପାରେ, ତେଣୁ ପୂର୍ଣ୍ଣ ଅନୁଶୀଳନ ନକରି କାହାକୁ ଭରସା କରିବା  ଅନୁଚିତ । )

odia.org